# କୋଭିଡ୍ ନିୟମ ମାନିବେ ଚାଳକ

**ଛତ୍ରପୁର, ୨୦।୯(ଡି.ଏନ୍.ଏ.)**

ମା’ ଦକ୍ଷିଣକାଳୀ ଟ୍ରାନ୍ସପୋର୍ଟ ମାଲିକ ସଂଘର ବାର୍ଷିକ ବୈଠକ ରବିବାର ଛତ୍ରପୁରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଟି. ଚନ୍ଦ୍ରଶେଖର ରାଓ ଅଧ୍ୟକ୍ଷତା କରିଥିଲେ। ସଂଘ ସମ୍ପାଦକ ଅହିଭୂଷଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘ ଉପସଭାପତି କୃପାସିନ୍ଧୁ ପୁହୁଲି, ସହସମ୍ପାଦକ ଉମା ଚରଣ ସାହୁ, କାର୍ଯ୍ୟକାରୀ ସଭ୍ୟ ଅଶ୍ୱିନୀ ବିଶାଳ, କେ. ନାଗେଶ୍ୱର ରାଓ, ସୁରେନ୍ଦ୍ର ସେଠୀ, ବିଜୟ ନାୟକ, ଡି. ବଳରାମ ରେଡ୍ଡୀ ଓ ଶିଶିର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସହ ନୂଆ ସଦସ୍ୟଙ୍କୁ ସ୍ୱାଗତ କରଯାଇଥିଲା। ଏଣିକି କୌଣସି ଗାଡି ଜାତୀୟ ରାଜପଥ ଉପରେ କିମ୍ବା ପାର୍ଶ୍ୱରେ ପାର୍କିଂ ହୋଇପାରିବନି। ସମସ୍ତ ଗାଡି ପାର୍କିଂ ପାଇଁ ଛତ୍ରପୁର ଉପକଣ୍ଠ ଜାତୀୟ ରାଜପଥ ନିକଟରେ ଏକ ଜମିରେ ସଂଘ ପକ୍ଷରୁ ପାର୍କିଂ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି। ଏଥିସହ ସମସ୍ତ ଗାଡି ଚାଳକ ସାନିଟାଇଜର ରଖିବେ, ମାସ୍କ ପିନ୍ଧିବା ସହ କୋଭିଡ୍ ନିୟମ ପାଳନ କରିବେ। ଏ ସମ୍ପର୍କରେ ସମସ୍ତ ଗାଡି ମାଲିକଙ୍କୁ ସଂଘ ପକ୍ଷରୁ ଅବଗତ କରାଯାଇଥିଲା। ଉକ୍ତ ପାର୍କିଂ ସ୍ଥାନରେ ୧୦୦ ରୁ ଊର୍ଦ୍ଧ୍ୱ ଗାଡି ଏକାସାଙ୍ଗରେ ପାର୍କିଂ ହୋଇପାରିବ। ସଂଘ ସଦସ୍ୟାମାନଙ୍କର ୧୯୦ ଗାଡି ଅଛି। ଶେଷରେ ସଂଘ କୋଷାଧ୍ୟକ୍ଷ ଅଙ୍ଗଦ ବିଶାଳ ଧନ୍ୟବାଦ ଦେଇଥିଲେ।



କୋଭିଡ୍ ନିୟମ ମାନିବାକୁ ଗାଡ଼ି ମାଲିକଙ୍କୁ ସୂଚନା ଦିଆଯାଉଛି।

**ଜାତୀୟ ରାଜପଥରେ ପାର୍କିଂ ହେବନି କୌଣସି ଗାଡି**

# କରୋନାରୁ ଗଞ୍ଜାମର ୧୯୧୧୫ ହେଲେଣି ସୁସ୍ଥ

**ଛତ୍ରପୁର, ୨୦।୯(ଡି.ଏନ୍.ଏ.)**

କରୋନାକୁ ହଟାଇବାକୁ ସମ୍ପୂର୍ଣ୍ଣ ହେଲେ କୋଭିଡ୍ ନିୟମ ପାଳନ କରିବାକୁ ପଡିବ। ଏହା ନ କଲେ ନିଜ ଜୀବନ ସହ ପରିବାର ସଦସ୍ୟଙ୍କ ପାଇଁ ବିପଦ ସୃଷ୍ଟି କରିବେ। ଏପରି ନ କରିବାକୁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଅନୁରୋଧ କରିଛନ୍ତି। ଏବେବି ଗଞ୍ଜାମରେ କରୋନା ବିପଦ କମି ନାହିଁ। ଏଥିପାଇଁ ସାମାଜିକ ଦୂରତାକୁ କଡାକଡି ପାଳନ ଆମକୁ କରିବାକୁ ପଡିବ। ଏଥିସହ ମାସ୍କ ପିନ୍ଧିବା ଅଭ୍ୟାସ ସବୁବେଳେ ରଖିବାକୁ ପଡିବ ବୋଲି ଜିଲାପାଳ କହିଛନ୍ତି। ଘରୁ ବିନା ମାସ୍କରେ ବାହାରନ୍ତୁ ନାହିଁ। ଘରକୁ ଫେରିଲେ ହାତ ନିଶ୍ଚୟ ଧୋଇବେ। ଆବଶ୍ୟକ ନ ପଡିଲେ ହିଁ ଘରୁ ବାହାରକୁ ବାହାରନ୍ତୁ ନାହିଁ। ଦୋକାନୀମାନେ ପଞ୍ଚସୂତ୍ର ନିୟମ ପାଳିବେ। ଏହା ନ କଲେ ଦୋକାନୀ ନିଜର ଓ ନିଜ ପରିବାର ଏବଂ ଗ୍ରାହକ ପାଇଁ ଅସୁବିଧା କରିବେ। ଗଞ୍ଜାମରେ ନୂଆ ୫୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରେ ୭ କରୋନା ଯୋଦ୍ଧା ରହିଛନ୍ତି। ଅପରପକ୍ଷରେ ୫୬ କରୋନାରୁ ସୁସ୍ଥ ହୋଇଛନ୍ତି। ଏଥିସହ କରୋନାରେ ଜଣଙ୍କ ଜୀବନ ଯାଇଛି। ବର୍ତ୍ତମାନ ସୁଦ୍ଧା ୧୯ ହଜାର ୬୧୮ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ୧୯ ହଜାର ୧୧୫ ସୁସ୍ଥ ହୋଇଛନ୍ତି। ଯାହାକି ୯୭.୪ ପ୍ରତିଶତ ରହିଛି। ଏବେ ଗଞ୍ଜାମରେ ୨୭୯ କରୋନା ଆକ୍ରାନ୍ତ ଆକ୍ଟିଭ ଅଛନ୍ତି। ଏଥିସହ କରୋନାରେ ୨୧୬ ଜଣଙ୍କ ମୃତ୍ୟୁ ହୋଇଛି। ଅଣ କୋଭିଡ୍‌ରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ଶନିବାର ଦିନକରେ ୪ ହଜାର ୮୨୪ ଜଣଙ୍କ କରୋନା ଟେଷ୍ଟ କରାଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୩ ଲକ୍ଷ ୮୦ ହଜାର ୦୫୧ କରୋନା ଟେଷ୍ଟ ହୋଇଛି।

## ସଂକ୍ଷେପରେ

### ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

**ପାଟପୁର,୨୦।୯:** ପାଟପୁର ଥାନା ଟି.ଗୋବିନ୍ଦପୁର ପଞ୍ଚାୟତ ଦାମପୁର ଗ୍ରାମ ନିକଟ ମକା ବାଡରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ରବିବାର ପୋଲିସ ଉଦ୍ଧାର କରିଛି। ସେ ହେଲେ ଗଜପତି ଜିଲା ମୋହନା ଥାନା ଯୁବା ଗ୍ରାମର ଅଚ୍ୟୁତାନନ୍ଦ ଦଳାଇ(୬୫)। ମୃତକଙ୍କ ପୁଅଙ୍କ ଏତଲା କ୍ରମେ ପୋଲିସ ନଂ.୨୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଚ୍ୟୁତାନନ୍ଦ ତାଙ୍କ ସମୁଦି ଘର ଚାଚଡ଼ାପଲ୍ଲୀ ଗ୍ରାମକୁ ଯାଇଥିଲେ। ସେଠାରୁ ଶୁକ୍ରବାର ନିଜ ଘରକୁ ଯିବି କହି ବାହାରିଥିଲେ। କିନ୍ତୁ ନିଜ ଘରେ ପହଞ୍ଚି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ଶନିବାର ବିଳମ୍ବିତ ରାତିରେ ଦାମପୁର ଗ୍ରାମ ନିକଟ ମକା ବାଡ଼ରୁ ଅଚ୍ୟୁତାନନ୍ଦଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଭୋରରୁ ପାଟପୁର ଏସ୍‌ଆଇ ଶାନ୍ତନୁ କୁମାର ଦିଗାଲ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇଛନ୍ତି।

### ଚୋରି ଘଟଣାର ମିଳୁନି ସୁରାକ

**ବ୍ରହ୍ମପୁର ଅଫିସ, ୨୦।୯:** ସଦର ଥାନା ଅନ୍ତର୍ଗତ ନିମଖଣ୍ଡି ମହାନ୍ତି ସାହିରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ଶତପଥୀଙ୍କ ଘରୁ ଗତ ୨୯ ତାରିଖରେ ୧୨ ଭରି ସୁନା ଗହଣା ଓ ଦେଢ଼ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟିନେଇଥିଲେ। ସେହିପରି ଗତ ୧ ତାରିଖରେ ଗୋଶାଣିନୁଆଗାଁ ଥାନା ଖଜୁରିଆ ବାଇପାସ ୧୬ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଚନ୍ଦ୍ରଚୁଡେଶ୍ୱର ମନ୍ଦିର ପରିସରରେ ଥିବା ମା’ କାଳୀ ମନ୍ଦିର ତାଲା ଭାଙ୍ଗି ଲୁଟେରା ସମସ୍ତ ଗହଣା ଚୋରି କରି ନେଇଥିଲେ। ସେହିପରି ବୈଦ୍ୟନାଥପୁର ଥାନା ବାଞ୍ଛାନିଧିନଗରରେ ରହୁଥିବା ଡାକ୍ତର ଦମ୍ପତିଙ୍କ ଘରେ ମଧ ଚୋର କଳାକନା ବୁଲାଇଦେଇଥିଲେ। ଏହି ସବୁ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଥିଲେ ସୁଦ୍ଧା କିଛି ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁରାକ ମିଳିନାହିଁ। ଫଳରେ ପୋଲିସର ଚିନ୍ତା ବଢ଼ିଯାଇଛି। ଲକ୍‌ଡାଉନ୍ ଓ ଶଟ୍‌ଡାଉନର ଚୋରମାନେ ଫାଇଦା ଉଠାଉଥିବା ବେଳେ ପୋଲିସର ଢିଲା ପାଟ୍ରୋଲିଂର ସୁଯୋଗ ନେଇ ସେମାନେ ଏଭଳି କରୁଥିବା ସାଧାରଣରେ ଆଲୋଚନା ହେଉଛି।

### ଆର୍‌ପିଏଫ୍ ପ୍ରତିଷ୍ଠା ଦିବସରେ ସଚେତନତା

**ବ୍ରହ୍ମପୁର ଅଫିସ ,୨୦।୯:** ଆର୍‌ପିଏଫ୍‌ର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ବ୍ରହ୍ମପୁର ରେଳ ଷ୍ଟେଶନରେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଆର୍‌ପିଏଫ୍ ଅଧିକାରୀ ଦିଲୀପ କୁମାରଙ୍କ ନେତୃତ୍ୱରେ ଯାତ୍ରୀମାନଙ୍କୁ ବିଭିନ୍ନ ଦିଗ ଉପରେ ସଚେତନ କରାଯାଇଥିଲା। ଯାତ୍ରା ସମୟରେ କେଣସି ଅସୁବିଧା ହେଲେ ହେଲ୍ପ ଲାଇନ ନଂ-୧୮୨ରେ ଯୋଗାଯୋଗ କରିବାକୁ କୁହାଯାଇଥିଲା। ସେହିପରି ଅଜଣା ବ୍ୟକ୍ତିଙ୍କ ଠାରୁ ଖାଦ୍ୟ ଗ୍ରହଣ ନକରିବା, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ପୋଲିସକୁ ଜଣାଇବାକୁ କୁହାଯାଇଥିଲା। ସେହିପରି ଆର୍‌ପିଏଫ୍ ତରଫରୁ ଷ୍ଟେଶସନ ରୋଡ୍ ବିଜିପୁର ଅଞ୍ଚଳରେ ମଧ ସଚେତନ କରାଯାଇଥିଲା। ସେହିଭଳି କୋଭିଡ ନିୟମ ପାଳନ କରି ଯାତ୍ରା କରିବା ସହିତ ମାସ୍କ ପରିଧାନ, ସାନିଟାଇଜର୍ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଅନ୍‌ଲାଇନରେ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର

**ଭଞ୍ଜନଗର,୨୦।୯(ଡି.ଏନ.ଏ)**

ପ୍ରଥମ ଥର ପାଇଁ ଭଞ୍ଜନଗର ଉପଖଣ୍ଡର ଚାଷୀମାନେ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଅନ୍‌ଲାଇନ ମାଧ୍ୟମରେ କୃଷି ବୈଜ୍ଞାନିକମାନଙ୍କ ସହ ଶନିବାର ଆଲୋଚନା କରିଥିଲେ। ଏହି ସମୟରେ କୃଷି କ୍ଷେତ୍ରରେ ପଶୁ ଶକ୍ତିର କିଭଳି ସଦ୍‌ବିନିଯୋଗ ହୋଇପାରିବ ଏବଂ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ଆଲୋଚନାଚକ୍ର ହୋଇଥିଲା। ଘରେ ବସି ଚାଷୀମାନେ ଦେଶର ବିଭିନ୍ନ ଅଞ୍ଚଳର ବରିଷ୍ଠ କୃଷି ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ପଶୁ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ଭୋପାଳସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ-କେନ୍ଦ୍ରୀୟ କୃଷି ଯାନ୍ତ୍ରିକ ସଂସ୍ଥାନର ପ୍ରକଳ୍ପ ସଂଯୋଜକ ପ୍ରଫେସର ମହାରାଣୀ ଦିନ୍, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ଲଳିତ ମୋହନ ଗଡ଼ନାୟକ, କୃଷି ଯାନ୍ତ୍ରୀକ ଓ ବୈଷୟିକ ମହାବିଦ୍ୟାଳୟର କ୍ଷେତ୍ର ଯନ୍ତ୍ରପାତି ଓ ଶକ୍ତି ବିଭାଗର ମୁଖ୍ୟ ପ୍ରଫେସର ଦେବରାଜ ବେହେରା, ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସ୍ୱାଗତିକା ସାହୁ, ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏମ୍‌ଏସ୍ ସ୍ୱାମୀନାଥନ ଫାଉଣ୍ଡେଶନର ରବୀନ୍ଦ୍ର ବେହେରା, ଜିରାବାଡ଼ିର ବରିଷ୍ଠ ଚାଷୀ ମହେନ୍ଦ୍ର ନାୟକ ରେଜିଲିଏନ୍ସ ପ୍ରକଳ୍ପ ମାଧ୍ୟମରେ ଏହିପରି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦିଆଯିବାକୁ ମତ ରଖିଥିଲେ।

# ବନ୍ୟଜନ୍ତୁ ଶିକାର ଉଦ୍ୟମ ପଣ୍ଡ

**ବୁଗୁଡ଼ା,୨୦।୯(ଡି.ଏନ.ଏ.)**

**୯ କେଜି ଜିଆଇ ତାର ଓ ଅନ୍ୟ ସରଞ୍ଜାମ ଜବତ**

ବୁଗୁଡ଼ା ଥାନା କୈଳାସ ନଗର କୁବେରେଶ୍ୱର ମନ୍ଦିର ନିକଟରେ ଥିବା ଜଙ୍ଗଲରେ ଶନିବାର ରାତିରେ ଦୁର୍ବୃତ୍ତମାନେ ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର ଉଦ୍ୟମ କରୁଥିଲେ। ଏହାକୁ ବନ ବିଭାଗ ପକ୍ଷରୁ ପଣ୍ଡ କରାଯିବା ସହ ୯ କେଜି ଜିଆଇ ତାର ସହ ୩୦ ଖଣ୍ଡ କିଲା, ୩୦ ଖଣ୍ଡ ବୋତଲ ଜବତ କରାଯାଇଛି। କେତେଜଣ ଶିକାରୀ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ୍ ପକାଇ ବନ୍ୟଜନ୍ତୁ ଶିକାର ପାଇଁ ଜଙ୍ଗଲ ମଧ୍ୟରେ ପ୍ରାୟ ୪ କିମି ପର୍ଯ୍ୟନ୍ତ ଜିଆଇ ତାର ବିଛାଇଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବନପାଳ ଅଭିରାମ ଖିଲ, ଅନନ୍ତ ନାରାୟଣ ସାହୁ, ରଶ୍ମି ପ୍ରଧାନ ପ୍ରମୁଖ ପହଞ୍ଚି ଏହି ଉଦ୍ୟମକୁ ଭଣ୍ଡୁର କରିଥିଲେ। ପୂର୍ବରୁ କୈଳାସ ନଗରର ଜଣେ ଶିକାରୀ ଏଥିରେ ସମ୍ପୃକ୍ତ ଥିବାରୁ ତାଙ୍କୁ ରବିବାର ଧରିଆଣି ପଚରାଉଚରା କରିବା ଫଳରେ ଅଧିକାରୀଙ୍କ ଆଗରେ ସେ ସମ୍ମତି ପ୍ରକାଶ କରିଥିଲେ।

# ବାଲି ବୋଝେଇ ଟ୍ରକ, ଟ୍ରାକ୍ଟର ଜବତ

**ଶେରଗଡ଼,୨୦।୯(ଡି.ଏନ.ଏ.)**

ଶେରଗଡ଼ ପୋଲିସ ଶନିବାର ରାତିରେ ବେଆଇନ ଚାଲାଣ ହେଉଥିବା ପଥର ବୋଝେଇ ଟ୍ରାକ୍ଟର ଓ ବାଲି ବୋଝେଇ ଟ୍ରକ୍‌କୁ ଜବତ କରିଥିଲା। ତହଂର କାଞ୍ଜିଆମା ରାସ୍ତାରେ ବାଲି ବୋଝେଇ ଟ୍ରକ, ଶେରଗଡ ରାସ୍ତା ଦେଇ ଯାଉଥିବା ପଥର ବୋଝେଇ ଟ୍ରାକ୍ଟରକୁ ଅଟକାଇ ୩୦ ହଜାର ଟଙ୍କା ଜରିମାନା ଆଦାୟ କରି ଉଭୟ ଗାଡ଼ିକୁ ଛାଡ଼ିଦିଆଯାଇଛି। ରାଜସ୍ୱ ଆଦାୟକୁ ଦୃଷ୍ଟି ରଖି ଏହି ଧରପଗଡ଼ କରାଯାଉଥିବା ତହସିଲଦାର କହିଛନ୍ତି।

# ବିଏସ୍‌ଏନ୍‌ଏଲ୍ ସେବା ଫେଲ୍, ଉପଭୋକ୍ତା ହନ୍ତସନ୍ତ

**ଖଜୁରିପଡ଼ା/ବଲସକୁମ୍ପା,୨୦।୯(ଡି.ଏନ.ଏ.)**

ବର୍ତ୍ତମାନ ସମସ୍ତେ ମୋବାଇଲ ଉପରେ ନିର୍ଭରଶୀଳ। ତେଣୁ ଇଣ୍ଟରନେଟ ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ଉପଭୋକ୍ତାମାନଙ୍କ ଚାହିଦାକୁ ନେଇ ବିଭିନ୍ନ କମ୍ପାନୀ ପକ୍ଷରୁ ଏହି ସେବା ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଗ୍ରାମାଞ୍ଚଳରେ ଏହି ସେବା ଠିକ୍ ରୂପେ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତ ସମ୍ମୁଖରେ ଥିବା ବିଏସଏନ୍‌ଏଲ୍ ଟାୱାରରେ। ଏଠାରେ କେବଳ ରାତି ୧୧ଟାରୁ ଭୋର୍ ୫ଟା ମଧ୍ୟରେ ବିଏସ୍‌ଏନ୍‌ଏଲ୍ ସେବା ସାଧାରଣ ଭାବେ ଉପଲବ୍ଧ ହେଉଥିବା ବେଳେ ଅନ୍ୟ ସମୟରେ ଆଦୌ କାର୍ଯ୍ୟ କରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଏସ୍‌ଏନ୍‌ଏଲ କମ୍ପାନୀର ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଇ ଉଚିତ୍ ପଦକ୍ଷେପ ନେବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

# ମୋହନା-ପାରଳାଖେମୁଣ୍ଡି ରାସ୍ତା ମରଣଯନ୍ତା

**ଆର.ଉଦୟଗିରି,୨୦।୯(ଡି.ଏନ.ଏ.)**

ଗଜପତି ଜିଲା ଏକ ଆଦିବାସୀ ବହୁଳ ଇଲାକା ହୋଇଥିବାରୁ ଏଠାକାର ଆଦିବାସୀଙ୍କ ମୌଳିକ ସୁବିଧାଗୁଡିକ ପ୍ରତି ସରକାରଙ୍କ ସ୍ୱତନ୍ତ ଦୃଷ୍ଟି ରହିଛି। ସେଥିରୁ ଗମନାଗମନ ଏକ ପ୍ରମୁଖ ବିଷୟ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ ତାହା ବାଟମାରଣା ହେଉଥିବା ଦେଖିବାକୁ ମିଳିଛି। ଅତି ନିମ୍ନମାନର ରାସ୍ତା ନିର୍ମାଣ ହେଉଥିବାରୁ ରାସ୍ତାରେ ଫାଟ ସୃଷ୍ଟି ହେବା ସହ ମରଣଯନ୍ତା ପାଲଟୁଛି। ସାମାନ୍ୟ ବର୍ଷା ହେଲେ ଖାଲଖମାରେ ପାଣି ଜମି ଛୋଟବଡ଼ ଦୁର୍ଘଟଣା ଘଟୁଛି। କିନ୍ତୁ ଏଗୁଡିକ ପ୍ରତି ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହିଁ। ଏହା ଦେଖିବାକୁ ମିଳିଛି ମୋହନାରୁ ପାରଳାଖେମୁଣ୍ଡି ସଂଯୋଗ କରୁଥିବା ଜାତୀୟ ରାଜପଥ ୩୨୬, ଯାହାକି ମୋହନାରୁ ବଡ଼ପଦା ରାସ୍ତା। ଏହି ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହେବା ସାଙ୍ଗକୁ ବହୁ ସ୍ଥାନରେ ପିଚୁ ଉଠିଯାଇଛି। କିନ୍ତୁ ଜାତୀୟ ରାଜପଥ ନିର୍ମାଣରେ ନିୟୋଜିତ ବିଭାଗୀୟ କର୍ମଚାରୀମାନେ ତଦାରଖ କରୁନାହାନ୍ତି। ଏପରିକି ଘାଟିରାସ୍ତା ପାର୍ଶ୍ୱରେ ଥିବା ଗାର୍ଡ ୱାଲ ଗୁଡିକ ଭାଙ୍ଗିରୁଜି ଯାଇଥିଲେ ବି ସେଗୁଡିକ ବର୍ତ୍ତମାନ ସୁଦ୍ଧା ସଜଡ଼ା ଯାଉଛି। ବୁଲାଣି ସ୍ଥାନରେ ବିପଦ ସଙ୍କେତ ଗୁଡିକ ଭାଙ୍ଗି ଯାଇଥିବାରୁ ଅନେକ ସମୟରେ ଏହା ଦୁର୍ଘଟଣାର କାରଣ ସାଜୁଛି। ଏହି ରାସ୍ତା ମଧ୍ୟରେ ଛେଳିଗଡ଼ଠାରୁ ଖଜୁରିପଦା ରାସ୍ତା ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଖାଲଖମା ହୋଇଛି। ଆର.ଉଦୟଗିରି ଗ୍ରାମର ଶଙ୍ଖ ନଦୀ ନିକଟରେ ଏକ ବଡ଼ ଖାଲ ହୋଇଥିବାରୁ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହେଉଛି। ବିଭାଗର ଅଧିକାରୀମାନେ କେତେଜଣ ନିଜର ଲୋକଙ୍କୁ ନେଇ ଠିକାଦାର କାମରେ ନିୟୋଜିତ କରିଛନ୍ତି। ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କାମ କରାଯାଇଛି। ଫଳରେ ରାସ୍ତା କାମ ଅତି ନିମ୍ନମାନର ହୋଇଛି। ଏହାର ତଦନ୍ତ କରାଗଲେ ରାସ୍ତାକାମରେ ହୋଇଥିବା ଦୁର୍ନୀତି ଜଣାପଡ଼ିବ ବୋଲି ସାଧାରଣରେ ଦାବି ହେଉଛି। ସେହିପରି ବାଦପୁର ଛକଠାରେ ରାସ୍ତା ଆଣ୍ଠୁଏ ଖାଲ ହୋଇଯିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟିଥିବାରୁ ବହୁ ଜନଜୀବନ ନଷ୍ଟ ହେଉଛି। ବିଭାଗର ଉଚ୍ଚ ଅଧିକାରୀ ଏଥିପ୍ରତି ଧ୍ୟାନଦେଇ ରାସ୍ତା ମରାମତି କରିବାକୁ ଦାବି ହେଉଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।



ବିପର୍ଯ୍ୟସ୍ତ ରାସ୍ତା।

NATION TAX MARKET GST
COMMISSIONERATE OF CT & GST
FINANCE DEPARTMENT,
GOVERNMENT OF ODISHA

**ଜିଏସ୍‌ଟି ଟିକସଦାତା ଦୟାକରି ଧ୍ୟାନ ଦିଅନ୍ତୁ**
**ବିଳମ୍ବ ଶୁଳ୍କ ଛାଡ଼ / ସୀମିତ ଛାଡ଼**

**No.S-13:-** ୫ କୋଟି ଟଙ୍କା ପର୍ଯ୍ୟନ୍ତ ହାରାହାରି ଟର୍ଣ୍ଣଓଭର ଥିବା ଯେଉଁ ଟିକସଦାତାମାନେ ସେମାନଙ୍କ ଜିଏସ୍‌ଟି ରିଟର୍ଣ୍ଣ (GSTR-3B) ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଦାଖଲ କରିନାହାନ୍ତି, ସେମାନେ ଏହି ମାସ ମାନଙ୍କ ପାଇଁ ନିମ୍ନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କର ସୁବିଧା ପାଇପାରିବେ, ଯାହା ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଦିଆଯିବ:

| କ୍ର.ସଂ. | ଟିକସ ଅବଧି | ନିର୍ଦ୍ଧାରିତ ତାରିଖ |
|---|---|---|
| ୧ | ମେ’ 2020 | ୧୫।୦୯।୨୦୨୦ |
| ୨ | ଜୁନ’ 2020 | ୨୫।୦୯।୨୦୨୦ |
| ୩ | ଜୁଲାଇ’ 2020 | ୨୯।୦୯।୨୦୨୦ |
| ୪ | ଅଗଷ୍ଟ’ 2020 | ୦୩।୧୦।୨୦୨୦ |

ସର୍ତ୍ତାବଳୀ:
(କ) ଟିକସ ଦେୟ ପରିମାଣ ‘ଶୂନ୍ୟ’ ଥିଲେ ବିଳମ୍ବ ଶୁଳ୍କ ସମ୍ପୂର୍ଣ୍ଣ ଛଡ଼ା ହେବ।
(ଖ) ଟିକସ ଦେବାକୁ ପଡୁଥିଲେ ବିଳମ୍ବ ଶୁଳ୍କ ରିଟର୍ଣ୍ଣ ପ୍ରତି ୫୦୦ ଟଙ୍କା ମଧ୍ୟରେ ସୀମିତ ରହିବ।
➢ ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଟିକସଦାତାମାନେ ଯଦି ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କ ପଇଠରେ କୌଣସି ସୁବିଧା ପାଇବେ ନାହିଁ।
➢ ତେଣୁ ଶେଷ ତାରିଖର ଭିଡ଼ ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ନିଜର ବକେୟା ରିଟର୍ଣ୍ଣ ତୁରନ୍ତ ଦାଖଲ କରିବାକୁ ସମସ୍ତ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

**ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ**
**ଓଡ଼ିଶା ସରକାର, କଟକ**

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
OIPR-05006/11/0004/2021

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଓଡ଼ିଶା ସରକାର

**ଜାତୀୟ କୃମିନାଶକ ଔଷଧ ସେବନ ଅଭିଯାନ**
**୨୧ ରୁ ୨୬ ସେପ୍ଟେମ୍ବର, ୨୦୨୦**
DSPL-61

ଏହି ଅଭିଯାନରେ ୧-୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଘରକୁ ଘର ଯାଇ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।




ଏଣୁ, ଚଳିତ ମାସ (ସେପ୍ଟେମ୍ବର) ୨୧ ରୁ ୨୬ ତାରିଖ ମଧ୍ୟରେ ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

ଏହି ଅଭିଯାନ ସମୟରେ କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ନିଶ୍ଚୟ ପାଳନ କରନ୍ତୁ

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0015/2021

## ସଂକ୍ଷେପରେ

### ବୁଗୁଡ଼ା ବିଡିଓ କରୋନା ପଜିଟିଭ

ବୁଗୁଡ଼ା,୨୦।୯(ଡି.ଏନ.ଏ.): ବୁଗୁଡ଼ା ବ୍ଲକରେ କାର୍ଯ୍ୟରତ ତଥା କରୋନା ଯୋଦ୍ଧା ବିଡିଓ ତନ୍ମୟ ପାତ୍ର କରୋନା ପଜିଟିଭ ଥିବା ସେ ସୂଚନା ଦେଇଛନ୍ତି। ବିଡିଓ ଅସୁସ୍ଥ ଅନୁଭବ କରିବାରୁ ସେ ନିଜର ଆଣ୍ଟିଜେନ ଟେଷ୍ଟ କରିଥିଲେ। ଏଥିରେ ତାଙ୍କର କରୋନା ପଜିଟିଭ ବାହାରିଥିଲା। ତେଣୁ ସେ ହୋମ ଆଇସୋଲେଶନରେ ରହିଥିବା ଜଣାପଡ଼ିଛି। ଏଥିସହ ତାଙ୍କ ସହ ଯେଉଁମାନେ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ କରୋନା ଟେଷ୍ଟ କରିବାକୁ ସେ ପରାମର୍ଶ ଦେଇଥିଲେ। ଯେଉଁମାନଙ୍କ ପଜିଟିବ ବାହାରିବେ ସେମାନେ ହୋମ କ୍ୱାରେଣ୍ଟାଇନରେ ରହିବାକୁ ମଧ ପରାମର୍ଶ ଦେଇଛନ୍ତି।



### ପ୍ରେମିକ ସହ ଫେରାର୍ ମହିଳା ଭୁବନେଶ୍ୱରରୁ ଗିରଫ

ଛତ୍ରପୁର, ୨୦।୯( ଡି.ଏନ୍.ଏ.): ଘରେ ନିଆଁ ଲଗାଇ ସ୍ୱାମୀ ଛାଡ଼ି ପ୍ରେମିକ ସହ ଫେରାର୍ ହୋଇଯାଇଥିବା ଜଣେ ମହିଳାଙ୍କୁ ରବିବାର ଛତ୍ରପୁର ଥାନା ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ଛତ୍ରପୁରରେ ରହୁଥିବା ଜଣେ ପୋଲିସ ହୋମଗାର୍ଡଙ୍କ ସ୍ତ୍ରୀ ଘରର ଆସବାବପତ୍ରରେ ନିଆଁ ଲଗାଇ ସୁନା ଅଳଙ୍କାର ନେଇ ୨୦୧୯ ନଭେମ୍ବରରେ ୧୩ ତାରିଖରେ ପ୍ରେମିକଙ୍କ ସହ ଫେରାର୍ ହୋଇଯାଇଥିଲେ। ଏ ନେଇ ହୋମଗାର୍ଡଙ୍କ ଭାଇ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ( ନଂ. ୨୯୪/୧୯) ରୁଜୁ କରିଥିଲା। ଦୀର୍ଘ ୧୦ ମାସ ପୋଲିସ ତାଙ୍କୁ ଧରିବାରେ ସକ୍ଷମ ହୋଇଛି।

### ତହସିଲଦାର ସଫା କଲେ ନିଜ ବାସଭବନ ପରିସର

ଶେରଗଡ଼,୨୦।୯(ଡି.ଏନ.ଏ.): ଶେରଗଡ଼ ତହସିଲଦାର ଡ.ଦୟାସିନ୍ଧୁ ପରିଡା ରବିବାର ନିଜ ବାସଭବନ ପରିସରରକୁ ସଫା କରିଛନ୍ତି। ଜଳପରିମଳ ବିଭାଗ କାର୍ଯ୍ୟାଳୟରେ ତହସିଲର କିଛି ବାସ ଭବନ ନିର୍ମାଣ ହୋଇଛି। ସେଠାରେ ବହୁ ଦିନ ହେଲା ଅଳିଆ ଆବର୍ଜନା ଜମିଥିବାରୁ ସକାଳେ ତହସିଲଦାର ଏହାକୁ ସଫା କରିଥିଲେ।

### ତେଲିସାହି, ଗୌଡ଼ସାହି କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା

ଜି.ଉଦୟଗିରି,୨୦।୯(ଡି.ଏନ.ଏ.): ଜି.ଉଦୟଗିରି ସହରର ବଡ଼ସାହିରୁ କଣ୍ଟେନମେଣ୍ଟ ଜୋନ ହଟାଯିବା ପରେ ଶୁକ୍ରବାର ତେଲି ସାହି ଓ ରବିବାର ଗୌଡ଼ ସାହିକୁ ଜିଲା ପ୍ରଶାସନ ତରଫରୁ କଣ୍ଟେନମେଣ୍ଟ ଜୋନ କରାଯାଇଛି। ତେଲି ସାହି ଓ ଗୌଡ଼ ସାହିରୁ ଅନେକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହି ଦୁଇ ସାହିକୁ କଣ୍ଟେନମେଣ୍ଟ କରାଯାଇଛି ବୋଲି ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ ଓ ଏନ୍ଏସି ଭାରପ୍ରାପ୍ତ ଅଧିକାରୀ ସତ୍ୟ ପ୍ରକାଶ ମହାପାତ୍ର କହିଛନ୍ତି।

### ଦୋକାନରୁ ବିଦ୍ୟୁତ୍ ସାମଗ୍ରୀ ଚୋରି

ଆସିକା, ୨୦।୯ (ଡି.ଏନ୍.ଏ): ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ମୁଖ୍ୟ ସଡ଼କରେ ଥିବା ଏକ ବିଦ୍ୟୁତ ସାମଗ୍ରୀ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଦୋକାନରେ ଥିବା କେତେକ ବିଦ୍ୟୁତ୍ ସାମଗ୍ରୀ ଏବଂ ଯନ୍ତ୍ରପାତି ଚୋରି କରିଥିବା ନେଇ ଦୋକାନ ମାଲିକ ଶନିବାର ସନ୍ଧ୍ୟାରେ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୯/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ୬୦୦୦ ଲିଟର ପୋଚ ନଷ୍ଟ, ଅନ୍ୟ ସରଞ୍ଜାମ ଜବତ

ବୁଗୁଡ଼ା,୨୦।୯(ଡି.ଏନ.ଏ.): ବୁଗୁଡ଼ା ଥାନା ମାଣିତରାଠାରୁ ୨ କିଲୋମିଟର ଦୂର ଭାଲୁଆ ପାହାଡ଼ ନିକଟସ୍ଥ ଏକ ନିର୍ଜନ ତୋଟାରେ ପୋଲିସ ୬୦୦୦ ଲିଟର ପୋଚ ଜବତ କରି ସେଗୁଡ଼ିକୁ ନଷ୍ଟ କରିଛି। ଏଥିସହ ଘଟଣାସ୍ଥଳରୁ ପୋଲିସ ପୋଚ ରନ୍ଧା ସାମଗ୍ରୀ ସହ ବଡ଼ ବଡ଼ ରସହାଣ୍ଡି ଆଦି ସରଞ୍ଜାମ ଜବତ କରିଥିଲା। ଏଥିରେ କେହି ଗିରଫ ହୋଇନଥିବା ପୋଲିସ କହିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା।

# ରୋବୋଟିକ ଡ୍ୟାନ୍ସ ଦେଇଛି ପରିଚୟ

**ୟୁଟ୍ୟୁବ୍‌ରୁ ଶିଖି ମନ ଜିଣୁଛନ୍ତି ସୋମନାଥ, ଜଗନ୍ନାଥ**

କୋରାପୁଟ,୨୦।୯(ସ୍ୱ.ପ୍ର.)

କେତେବେଳେ ଚାଲି ଚାଲି ହଠାତ୍ ଅଟକି ଯାଉଛନ୍ତି ତ, କେତେବେଳେ ଶରୀରକୁ ସ୍ଥିର ରଖି ସୁନ୍ଦର ଭାବରେ ମୁଣ୍ଡକୁ ହଲାଉଛନ୍ତି। ଦେଖଣାହାରୀ ସେମାନଙ୍କୁ ମଣିଷ ନୁହେଁ ବରଂ ରୋବଟ୍ ବୋଲି ଭାବୁଛନ୍ତି। ନିଜ ରୋବଟିକ୍ ଡ୍ୟାନ୍ସରେ ଲୋକମାନଙ୍କୁ ଚକିତ କରି ଦେଉଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଦୁଇ ଆଦିବାସୀ ଭାଇ ସୋମନାଥ ନାଗ(୨୦) ଓ ଜଗନ୍ନାଥ ନାଗ(୧୮)।

ଏହି ଡ୍ୟାନ୍ସ ଫରମାଟ ମଧ୍ୟରେ ରୋବଟିକ ଡ୍ୟାନ୍ସ ଅନ୍ୟତମ। ଏହି ଡ୍ୟାନ୍ସର ମାୟାରେ ପଡିଯାଇଛନ୍ତି ସୋମନାଥ ଓ ଜଗନ୍ନାଥ। ରୋବୋଟିକ୍ ଫର୍ମାଟରେ ଭବିଷ୍ୟତ ଗଢିବା ଲକ୍ଷ୍ୟ ରଖିଛନ୍ତି ଉଭୟ ସୋମନାଥ ଓ ଜଗନ୍ନାଥ। କୌଣସି ତାଲିମ ନ ନେଇ କେବଳ ୟୁଟ୍ୟୁବ୍‌ରୁ ଶିଖି ଦୁଇଭାଇ ନୃତ୍ୟ ପ୍ରଦର୍ଶନ କରୁଛନ୍ତି। ନିଜର ରୋବୋଟିକ୍ ଓ ପପିଂ ଡ୍ୟାନ୍ସ ଷ୍ଟାଇଲ ପାଇଁ ସେମାନେ ଜିଲାରେ ପରିଚିତ ହେଲେଣି। କିନ୍ତୁ ବାହାର ଜାଗାରେ ନିଜ କଳା ପ୍ରଦର୍ଶନ କରିବାକୁ ତାଙ୍କୁ ସୁଯୋଗ ମିଳୁ ନ ଥିବା କହିଛନ୍ତି ଜଗନ୍ନାଥ। ଓଡିଶାର ଜଣାଶୁଣା ରୋବଟିକ ଡ୍ୟାନ୍ସର ହରିହର ଦାସଙ୍କୁ ନିଜ ଆଦର୍ଶ ଭାବେ ଗ୍ରହଣ କରି ଏହି ସେମାନେ ଆଗକୁ ବଢୁଥିବା ବଡଭାଇ ସୋମନାଥ କହିଛନ୍ତି। ହରିହରଙ୍କୁ 'ଇଣ୍ଡିଆସ୍ ଗଟ୍ ଟାଲେଣ୍ଟ' କାର୍ଯ୍ୟକ୍ରମରେ ଦେଖିବା ଦିନରୁ ହିଁ ତାଙ୍କୁ ଗୁରୁ ଭାବିବା ସହ ରୋବୋଟିକ୍ ପ୍ରତି ମନ ଢଳିଥିବା ସୋମନାଥ କହିଛନ୍ତି। ସୋମନାଥ କିଛିଦିନ କୋରିଓଗ୍ରାଫର ଗିରିଶ ଚନ୍ଦ୍ର ମହାନ୍ତିଙ୍କ ସହ କାମ କରିଛନ୍ତି। ଡ୍ୟାନ୍ସରେ ନିଜର ଭବିଷ୍ୟତ ଦେଖି ଆଗକୁ ବଢୁଥିବା ଉଭୟ କହିଛନ୍ତି। କୋରାପୁଟ ଭଳି ଆଦିବାସୀ ଅଞ୍ଚଳରେ ଏହି ଡ୍ୟାନ୍ସ ଶିଖିବାକୁ କୌଣସି ସୁଯୋଗ ନାହିଁ। ପ୍ରଶାସନ କିମ୍ବା କୌଣସି ଅନୁଷ୍ଠାନ ସେମାନଙ୍କୁ ସହଯୋଗ କଲେ ବାହରକୁ ଯାଇ ରୋବଟିକ୍‌ର ତାଲିମ ନେଲେ କୋରାପୁଟ ଓ ଓଡିଶା ପାଇଁ ଗୌରବ ଆଣିପାରିବୁ ବୋଲି ସୋମନାଥ ଓ ଜଗନ୍ନାଥ କହିଛନ୍ତି।



ସୋମନାଥ ଓ ଜଗନ୍ନାଥ ନୃତ୍ୟ ପରିବେଷଣ କରୁଛନ୍ତି।

# ଭାଜପାରେ ଯୋଗଦେଲେ ଶତାଧିକ ବିଜେଡି କର୍ମୀ

ପୋଲସରା,୨୦।୯(ଡି.ଏନ.ଏ.)

ପୋଲସରା ବ୍ଲକ ବଡ ପଙ୍କଲବାଡ଼ି ଗ୍ରାମର ଶତାଧିକ ବିଜେଡି କର୍ମୀ ରବିବାର ଭାଜପାରେ ଯୋଗଦାନ କରିଛନ୍ତି। ଭାଜପାର ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡି ଛାଡି ଭାଜପାରେ ଯୋଗଦାନ କରିଛନ୍ତି। ବିଜେଡିର ନେତୃମଣ୍ଡଳୀମାନଙ୍କ କାର୍ଯ୍ୟ କଳାପରେ ଅସନ୍ତୁଷ୍ଟ ହୋଇ ଭାଜପାରେ ଯୋଗଦାନ କରିଲୁ ବୋଲି ବଡ଼ ପଙ୍କଲବାଡ଼ି ଗ୍ରାମର ଲକ୍ଷ୍ମଣ ପାତ୍ର, ମାଧବ କର, ଗୋପାଳ ପୋଲାଇ, ବସନ୍ତ ବେହେରା, ଶିବରାମ ପ୍ରଧାନ, ସାଗର ବେହେରା ଏହିପରି ଶତାଧିକ ବିଜେଡି କର୍ମୀ ନିଜସ୍ୱ ମତ ପ୍ରକାଶ କରିଥିଲେ। ଏହି ମିଶ୍ରଣ ପର୍ବରେ ଭାଜପାର ଯୁବନେତା ପ୍ରଭାକର ପଣ୍ଡା, ଭାଜପା ଘୁମୁସର ଜିଲାର ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ପଣ୍ଡା, ମଣ୍ଡଳ ସଭାପତି ସୀମାଞ୍ଚଳ ସାହୁ, ନାରାୟଣ ସାହୁ, ଦୀପକ ପ୍ରଧାନ, ରଘୁନାଥ ପଣ୍ଡା ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଗଜପତିରେ ନୂଆ ୧୬ ପଜିଟିଭ୍ ଚିହ୍ନଟ

ପାରଳାଖେମୁଣ୍ଡି, ୨୦।୯(ସ୍ୱ.ପ୍ର.)

ଗଜପତିରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୮୭୯ଜଣଙ୍କ କରୋନା ପରୀକ୍ଷଣ ହୋଇଥିବେଳେ ଏଥିରୁ ୧୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ୩୩୬ରେ ପହଞ୍ଚିଛି। ଏହି ୧୬ଜଣ କୋଭିଡ୍ ଡାକ୍ତରଖାନା ଏବଂ ନିଜସ୍ୱ ଘରୋଇ ସଙ୍ଗରୋଧରେ ରହିଥିବାର ଜଣାପଡ଼ିଛି। ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୩ଜଣ, କାଶୀନଗର ବ୍ଲକରୁ ଜଣେ, ମୋହନା ବ୍ଲକରୁ ୩ଜଣ, ରାୟଗଡ଼ ବ୍ଲକରୁ ଜଣେ, ଗୋଷାଣୀ ବ୍ଲକରୁ ୪ଜଣ, ଆର୍.ଉଦୟଗିରି ବ୍ଲକରୁ ୪ଜଣ ଚିହ୍ନଟ ହୋଇଛନ୍ତି।

# ଫୁଲବାଣୀ: କରୋନା ସ୍ଥିତି ଜଟିଳ

**ମୃତ୍ୟୁ ରିପୋର୍ଟକୁ ନେଇ ଅସନ୍ତୋଷ**

ଫୁଲବାଣୀ ଅଫିସ, ୨୦।୯

କରୋନାର କରାଳ ରୁପ ଏବେ କନ୍ଧମାଳ ଜିଲାରେ ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ହୁ ହୁ ହୋଇ ବଢ଼ି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଅନୁରୂପ ଭାବେ ମୃତ୍ୟୁ ମଧ ବଢ଼ି ଚାଲିଛି। ସଂକ୍ରମଣକୁ ନେଇ ବିଶେଷ କରି ଫୁଲବାଣୀ ସହରରେ ଜଟିଳ ପରିସ୍ଥିତି ଦେଖା ଦେଲାଣି। ଅନ୍ୟପଟେ ପ୍ରଶାସନ ମୃତ୍ୟୁ ରିପୋର୍ଟ ଠିକ୍ ଭାବେ ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ଯେଉଁ ରିପୋର୍ଟ ଦେଉଛି ତାହା ଦୁଇ ତିନି ଦିନର ପୁରୁଣା। ଅପଡେଟ ଖବର ମିଳୁନାହିଁ। ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ପୁଣି ଦୁଇ ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ଜଣଙ୍କର ଫୁଲବାଣୀରେ ହୋଇଥିବା ବେଳେ ଅନ୍ୟ ଜଣଙ୍କର ଭୁବନେଶ୍ୱରରେ ମୃତ୍ୟୁ ହୋଇଛି। ସେହିପରି ଜିଲାରେ ମୋଟ ୧୭୮ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେବଳ ଫୁଲବାଣୀ ସହରରେ ୫୫ ଜଣ ଏବଂ ବ୍ଲକ ଅଞ୍ଚଳରେ ୧୧ କୁ ମିଶାଇ ୬୬ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ବାଲିଗୁଡ଼ାରୁ ୧୩, ଚକାପାଦରୁ ୮, ଦାରିଙ୍ଗିବାଡି ୧୨, ଜି.ଉଦୟଗିରି ୧୭, କ.ନୂଆଗାଁ ୧୫, ଖଜୁରିପଡା ୧୦, କୋଟଗଡ଼ ୧, ଫିରିଙ୍ଗିଆ ୧୬, ଫୁଲବାଣୀ ୬୬, ରାଇକିଆ ୩, ସାରଙ୍ଗଗଡ଼ ୫, ଟିକାବାଲି ୫, ତୁମୁଡିବନ୍ଧରୁ ୫ ଏବଂ ଅନ୍ୟସ୍ଥାନରେ ଦୁଇ ଜଣ ଚିହ୍ନଟ ହୋଇଛନ୍ତି। ଏହି ସମସ୍ତଙ୍କୁ ମିଶାଇ ଏବେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ୫୬୩ରେ ପହଞ୍ଚିଛି।

# ବଳାତ୍କାର ମାମଲା: ଶ୍ୱଶୁର ଜେଲ ଗଲେ

ଦିଗପହଣ୍ଡି,୨୦।୯(ଡି.ଏନ୍.ଏ.)

ଦିଗପହଣ୍ଡି ଥାନା ଅଞ୍ଚଳରେ ବୋହୂଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଶ୍ୱଶୁର ପଞ୍ଚାନନ ଗୌଡଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ମାମଲା ନଂ.୨୦୪/୨୦ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟତମ ଅଭିଯୁକ୍ତ ଦିଅରଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯିବା ପରେ ତାଙ୍କୁ ବ୍ରହ୍ମପୁର ସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଗତ ୧୫ ତାରିଖ ସମ୍ପୃକ୍ତ ମହିଳା ଥାନାରେ ପହଞ୍ଚି ଶ୍ୱଶୁର ଘର ଲୋକେ ତାଙ୍କୁ ଯୌତୁକ ନିର୍ଯାତନା ଦେବା ସହ ବଳାତ୍କାର କରାଯାଇଥିବା ଏତଲା ଦେଇଥିଲେ। ପୀଡ଼ିତା ଓ ଅଭିଯୁକ୍ତ ଦ୍ୱୟଙ୍କ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

ହିଞ୍ଜିଳିକାଟୁ/ଦିଗପହଣ୍ଡି/ ଶେରଗଡ଼, ୨୦।୯(ଡି.ଏନ୍.ଏ)

ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୬ଷ୍ଠ ପ୍ରତିଷ୍ଠା ଦିବସ ଶନିବାର ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ବୃନ୍ଦ ଓ ଶିକ୍ଷାର୍ଥୀମାନେ କରୋନା ପାଇଁ ସମାଜିକ ଦୂରତା ଓ ଭିଡିଓ କନଫେରେନସ୍ ମାଧ୍ୟମରେ ଉତ୍ସବ ପାଳନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉଦ୍ଦେଶ୍ୟ ଓ ପରିକଳ୍ପନା ବିଷୟରେ ଆଲୋକପାତ କରିଥିଲେ। ଅନଲାଇନ ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ଗଣିତ ବିଭାଗୀୟ ଅଧ୍ୟାପକ ଅମିୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପଦ୍ମିନୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମ ସ୍ଥିତ ଓ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ତାମଣି ପଲାଇ ଅନଲାଇନ ଜରିଆରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାସହ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନଲାଇନ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ଶିକ୍ଷୟିତ୍ରୀ ପୂଜା ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ଶିକ୍ଷୟିତ୍ରୀ ପୁଣ୍ୟ କୃତାଞ୍ଜଳି ମହାରଣା ସମସ୍ତ ଅନଲାଇନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ବିଦ୍ୟାର୍ଥୀ ମାନଙ୍କ ମଧ୍ୟରୁ ସୁଶ୍ରୀ ଅଙ୍କିତା ମହାରଣା ଓ କେ. କାହ୍ନା ସଭା ପରିଚାଳନାରେ ସହଯୋଗ କରିଥିଲେ।

**ଶେରଗଡ:** ଶେରଗଡ଼ ସ୍ଥିତ ଆଦର୍ଶ ବିଦ୍ୟାଳୟ ଭାର୍ଚୁଆଲ ଶ୍ରେଣୀ ମାଧ୍ୟମରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। କରୋନା ଯୋଗୁଁ ବିଦ୍ୟାଳୟର ଅଧ୍ୟକ୍ଷ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ନେଇ ଭାର୍ଚୁଆଲ ଶ୍ରେଣୀ ମାଧ୍ୟମରେ ଏହା ପାଳନ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତି ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ମାନଙ୍କୁ ଭାର୍ଚୁଆଲ ଶ୍ରେଣୀ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା। ହିନ୍ଦୀ ଶିକ୍ଷୟିତ୍ରୀ ଅନୁପମା ପଣ୍ଡାଙ୍କ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଗଣିତ ଶିକ୍ଷକ ଗୋବିନ୍ଦ ପାତ୍ର, କମ୍ପ୍ୟୁଟର ଶିକ୍ଷକ ମାନସରଞ୍ଜନ ଗୌଡ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ମେଧାବୀ ହେବାକୁ ଆହ୍ୱାନ ଦେଇଥିଲେ।

# କୋଲାବବାସୀଙ୍କୁ ମିଳିଲା ନୂତନ ଡଙ୍ଗା

କୁନ୍ଦୁରା,୨୦।୯(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକର ସୀମାନ୍ତ ବର୍ତ୍ତୀ ଉପାନ୍ତ ଅଞ୍ଚଳବାସୀଙ୍କ ସ୍ୱପ୍ନ ପୁରଣ ହୋଇଛି। କୋଲାବ ନଦୀରେ ଡଙ୍ଗା ସେବା ଆରମ୍ଭ ହୋଇଛି। କୋରାପୁଟ ଜିଲା କୁନ୍ଦୁରା ବ୍ଲକ ତଥା ପଡୋଶୀ ରାଜ୍ୟ ଛତିଶଗଡକୁ ଲାଗି ରହିଥିବା କେରିମିଟି ପଞ୍ଚାୟତ ଅଧୀନ କନ୍ଦାଯୋଡିରେ ଥିବା କୋଲାବ ନଦୀ ପାର ହେବାକୁ ମିଳିଛି କାଠ ଡଙ୍ଗା। ଏହା ସହ ଡଙ୍ଗା ଘାଟୁଆଳକୁ ଲାଇଫ ଜ୍ୟାକେଟ ମଧ ମିଳିଛି। ନିର୍ବାଚନ ପୂର୍ବରୁ କୋଟପାଡ ବିଧାୟିକା ତଥା ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି। ଜିଲା ପରିଷଦ ସଭାପତି ତୁଳସୀ ବିର୍ସାନୀ ଏହି ଡଙ୍ଗା ସେବାର ଶୁଭାରମ୍ଭ କରିଛନ୍ତି। ପ୍ରକାଶ ଯେ, ଏହି ଗ୍ରାମକୁ ଯିବା ନିମନ୍ତେ ଆଜି ଯାଏ ରାସ୍ତାଟିଏ ନାହିଁ। ସରକାରୀଭାବେ ଡଙ୍ଗା ଚଳାଚଳ ଆରମ୍ଭ ହୋଇଥିବାରୁ ଲୋକେ ଖୁସିଥିବା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ, ଯୁବ ବିଜେଡି ସଭାପତି ରମାକାନ୍ତ ମିଶ୍ର, ଅବଜରଭର ବୈକୁଣ୍ଠ ମଣ୍ଡଳି, ସୋଭେଳ ଭଟ୍ଟ, ଭଜମନ ସାଆନ୍ତା, ବିକ୍ରମ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



କୋଲାବ ଘାଟରେ ନୂତନ ଡଙ୍ଗା।

# କୋଭିଡ୍ କେୟାର ସେଣ୍ଟରରୁ ମୋଟର ଚୋରି

ଚିକିଟି,୨୦।୯(ଡି.ଏନ.ଏ.)

କେ.ନୂଆଗାଁ ଥାନାଠାରୁ ୧୦୦ ମିଟର ଦୂରରେ ଥିବା ଏକ କୋଭିଡ୍ ସେଣ୍ଟରରୁ ଜଳଯୋଗାଣ ପାଇଁ ରହିଥିବା ବିଦ୍ୟୁତ୍ ଚାଳିତ ମୋଟର ଚୋରି ହୋଇଥିବା ଅଭିଯୋଗ ହୋଇଛି। କେ.ନୂଆଗାଁ ଥାନାରୁ ୧୦୦ମିଟର ଦୂରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହକୁ କୋଭିଡ୍ କେୟାରସେଣ୍ଟର କରାଯାଇଥିଲା। ସେଠାରେ ଜଳଯୋଗାଣ ପାଇଁ ବିଦ୍ୟୁତ୍ ଚାଳିତ ମୋଟର ଲଗାଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରାଯାଇନଥିବା ବେଳେ ଗତ ଶୁକ୍ରବାର ମଧ୍ୟରାତ୍ରିରେ ମଟର ଚୋରି ହୋଇଥିଲ। ଏ ସମ୍ପର୍କରେ କେ.ନୂଆଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ମହେଶ୍ୱର ବେହେରାଙ୍କ ସହ ଯୋଗାଯୋଗ ବେଳେ ଏହାକୁ ସ୍ୱୀକାର କରିବା ସହ ଏ ନେଇ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକଙ୍କୁ ଥାନାରେ ଲିଖିତ ଅଭିଯୋଗ ଦେବାପାଇଁ କହିଥିଲେ। ସରପଞ୍ଚଙ୍କୁ ପଚାରିବାରୁ ସ୍ୱାମୀଙ୍କର ସ୍ୱାସ୍ଥ୍ୟ ଖରାପଥିବାରୁ ମୁଁ ମେଡିକାଲରେ ଥିଲି। ତେଣୁ ଏତଲା ଦିଆଯାଇନଥିବା କହିଥିଲେ।

# ଅପସରୀଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା



ସ୍ୱର୍ଗତ ଅପସରୀ ଜେନାଙ୍କ ଦ୍ୱାଦଶାହ ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର ଅଫିସ,୨୦।୯

ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ମା' ଅପସରୀଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରସ୍ଥିତ ମୁକ୍ତେଶ୍ୱର ବିଲସାହିଠାରେ ଥିବା ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ପାଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବିଜେଡି ଗଞ୍ଜାମ ଜିଲା ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡି ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକ, କଂଗ୍ରେସର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, କଂଗ୍ରେସ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଯୁବନେତା ପ୍ରଶାନ୍ତ କୁମାର ବିଷୋୟୀ, ଦେବାଶିଷ ମହାନ୍ତିଙ୍କ ସମେତ ବିଜେଡି, କଂଗ୍ରେସ, ଭାଜପାର ବହୁ ବରିଷ୍ଠ ନେତା ଓ ବିଧାୟକ ଯୋଗଦେଇ ଜେନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରହ୍ମପୁର ମହାନଗରନିଗମର ଅନେକ କର୍ପୋରେଟର ମଧ ସଭାରେ ଉପସ୍ଥିତ ଥିଲେ।

# ମହିଳା ହୋମଗାର୍ଡଙ୍କୁ ଆକ୍ରମଣ ମାମଲା

**ସ୍ୱାମୀଙ୍କ ସମେତ ୨ ଦେଢ଼ଶ୍ୱଶୁର ଜେଲ ଗଲେ**

ଦିଗପହଣ୍ଡି,୨୦।୯(ଡି.ଏନ୍.ଏ.)

ଦିଗପହଣ୍ଡି ଥାନାରେ କାର୍ଯ୍ୟରତ ମହିଳା ହୋମଗାର୍ଡ ନର୍ମଦା ପଣ୍ଡାଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ରବିବାର ତାଙ୍କ ସ୍ୱାମୀ ରାଧାଶ୍ୟାମ ନନ୍ଦ, ଦେଢ଼ଶ୍ୱଶୁର ଜଗଦୀଶ ନନ୍ଦ, ପୀତବାସ ନନ୍ଦଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୦୩/୨୦ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଗତ ସୋମବାର ନର୍ମଦା ସ୍କୁଟିରେ ଘରୁ ବସଷ୍ଟାଣ୍ଡ ଆସୁଥିବା ବେଳେ ବର୍ଷା ହେବାରୁ ଜନତାଲେନ ରାଣୀ ସାହି ଛକରେ ଥିବା ତାଙ୍କ ସ୍ୱାମୀଙ୍କ ରାଶନ ଦୋକାନ ନିକଟ ଏକ ଡ୍ରେସ ଦୋକାନ ବାରଣ୍ଡାରେ ଠିଆ ହୋଇଥିବା ବେଳେ ସ୍ୱାମୀ ତାଙ୍କୁ ଗାଳି ଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ତାଙ୍କୁ ଦୋକାନ ଭିତରକୁ ଟାଣି ନେଇ ଛୁରିରେ ହାତକୁ ଆଘାତ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ଏପରିକି ଦୋକାନ ବାହାର ପଟୁ ଗେଟ୍ ପକାଇ ତାଙ୍କୁ ସ୍ୱାମୀ, ଦେଢ଼ଶ୍ୱଶୁର ଓ ୨ ଜଣ ପୁତୁରା ଦୀର୍ଘ ସମୟ ଅଟକ ରଖି ନିର୍ଯାତନା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

# ଅଫିସକୁ ଯାଇ ହତାଶ, ମିଳୁନି ବାର୍ଦ୍ଧକ୍ୟ ଭତ୍ତା

**ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ**

ଦଶମନ୍ତପୁର,୨୦।୯( ଡି.ଏନ୍.ଏ. )

ବୃଦ୍ଧାବସ୍ଥାରେ ସହାୟତା ପାଇଁ ସମାଜିକ ସହାୟତା କାର୍ଯ୍ୟକ୍ରମରେ ବାର୍ଦ୍ଧକ୍ୟ ଭତା ପ୍ରଦାନ କରାଯାଉଛି। ହେଲେ ଅନେକ ସମୟରେ ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଉପାନ୍ତ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଏପରି ଏକ ଘଟଣା ନଜରକୁ ଆସିଛି। ୬୭ ବର୍ଷ ବୟସରେ ମଧ ବାର୍ଦ୍ଧକ୍ୟ ଭତାରୁ ବଞ୍ଚିତ ରହିଛନ୍ତି ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ବନାସିଲ ଗ୍ରାମର ମଧୁ।

ପ୍ରକାଶ ଯେ, ମଧୁ ଓ ସ୍ତ୍ରୀ ରଇଲାଙ୍କର ଏକ ଛୋଟ ସଂସାର। ସେମାନଙ୍କର କୌଣସି ସନ୍ତାନ ନାହାନ୍ତି। ବୁଢା କାଳେ ଭରଣ ପୋଷଣ ଦାୟିତ୍ୱ ନେବାକୁ କେହି ନ ଥିବାରୁ କାମ କରି ଉଭୟ ଚଳନ୍ତି। ଏବେ ବୟସ କିନ୍ତୁ ଆଉ ବୋଲ ମାନୁନି। ସବୁବେଳେ ଅନେକ ଛୋଟ ମୋଟ ରୋଗ ଲାଗି ରହିଛି। ଯାହା କିଛି ପଇସା ଅଛି ସେଥିରେ ଉଭୟ ଚଳନ୍ତି। ରଇଲାଙ୍କୁ ତାଙ୍କ ବାର୍ଦ୍ଧକ୍ୟ ଭତା ମିଳୁଛି। କିନ୍ତୁ ମଧୁ ଏଯାଏ ତାଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଉ ନାହାନ୍ତି। ଭତା ପାଇଁ ସେ କାଗଜପତ୍ର ନେଇ ବହୁବାର ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ହେଲେ କୌଣସି ସୁଫଳ ମିଳି ନ ଥିବା ସେ କହିଛନ୍ତି। ଜେରକ୍ସ କରି ବହୁ ଖର୍ଚ୍ଚାନ୍ତ ହେବାସହ କାର୍ଯାଳୟକୁ ଅନେକ ଥର ଦୌଡ଼ି ଦୌଡ଼ି ନିରାଶ ହୋଇଥିବା ମଧୁ ଦୁଃଖର ସହ ପ୍ରକାଶ କରିଛନ୍ତି। ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ ମୋତେ କାହିଁକି ଭତା ମିଳୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଆର୍ଥିକ ସ୍ଥିତି ମଧ ଭଲ ନ ଥିବାବେଳେ କେହି ସାହାରା ମଧ ନାହାନ୍ତି। ତେଣୁ ତାଙ୍କୁ ଯୋଜନାରେ ସାମିଲ କରି ଭତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ବୃଦ୍ଧ ମଧୁ।

